# The Odisha Gazette

EXTRAORDINARY
PUBLISHED BY AUTHORITY

No.2002, CUTTACK, WEDNESDAY, NOVEMBER 22, 2017/MARGASIRA 1,1939


## HOUSING & URBAN DEVELOPMENT DEPARTMENT

NOTIFICATION

The 22nd November, 2017

**S.R.O. No.574**/2017— Whereas, the draft of certain rules further to amend the Odisha Municipal Rules, 1953 was published as required by Section 392 of the Odisha Municipal Act, 1950 (Odisha Act, 23 of 1950) in the Extraordinary issue No. 277, dated the 25th February, 2017 of the *Odisha Gazette* under the notification of the Government of Odisha in the Housing & Urban Development Department No. 4207–HUD-13-LEGIS-67-POLICY-15-12/2016, dated the 23rd February, 2017 inviting objections and suggestions from all persons likely to be affected thereby within a period of thirty days from the date of publication of the said notification in the *Odisha Gazette*;

And, Whereas, the objections and suggestions received in respect of the said draft within the stipulated period have been duly considered by the State Government;

Now, therefore, in exercise the powers conferred by sub-section(1) of Section 387 of the said Act, the State Government do hereby make the following rules further to amend of the Odisha Municipal Rules, 1953, namely:—

**1.** *(1)* These rules may be called the Odisha Municipal (Amendment) Rules, 2017.

*(2)* They shall come into force on the date of their publication in the *Odisha Gazette*.

**2.** In the Odisha Municipal Rules, 1953 (hereinafter referred to as the said rules), for rule 92, the following rule shall be substituted, namely:—

"92. The Executive Officer may, without the sanction of the Council, incur contingent expenditure incidental to the Municipal administration, not exceeding ten thousand rupees in any case:

Provided that —

(a) Provisions of fund is made available under the relevant Head of Account in the budget of the Municipality to meet such expenditure; and

(b) the Executive Officer shall report expenditure incurred under this rule along with the reasons thereof to the Council at its next meeting.”.

**3.** In the said rules, in rule 93, in sub-rule (1), for the words and figures “and the order shall be signed by the Executive Officer, if the amounts does not exceed Rs. 1,00,000/- (Rupees one lakh). Order for the payment of a sum of money in excess of Rs. 1,00,000/- (rupees one lakh) shall be signed both by the Executive Officer and the Chairman” appearing therein, the words “and the bills or claims for payment of an amount upto two lakhs rupees shall be approved and payment order be signed by the Executive Officer but bills or claims for payment of an amount in excess of two lakhs rupees shall be approved and payment order be signed by the Executive Officer and the Chairperson as well” shall be substituted.

**4.** In the said rules, rule 94 shall be omitted.

**5.** In the said rules, rules 107 to 112 shall be omitted.

**6.** In the said rules, for rule 332, the following rule shall be substituted, namely:—

“332. (1) The Municipal Engineer shall before preparation of budget, furnish annually a statement of works in the order of priority with estimated cost to be executed during the ensuing year to the Council in time for final selection of works and the Council shall approve the list of works in order of priority in a special meeting convened for the purpose.

(2) Subject to the availability of fund, the Executive Officer shall accord administrative sanctions to the estimates for all works including emergent works of an amount not exceeding two lakhs rupees and when the amount of estimate exceeds two lakhs rupees the same shall be presented before the Chairperson for his sanction.

(3) If the estimate so presented to the Chairperson is not sanctioned within seven days of its presentation, then the Executive Officer may get the estimate sanctioned by the District Magistrate.

(4) The Executive Officer shall bring to the notice of the Council, all the administrative sanctions accorded by him or by the Chairperson or by the District Magistrate as the case may be, at its next meeting.”.

**7.** In the said rules, for rule 333, the following rule shall be substituted, namely: —

“333. (1) No new work shall be commenced until the administrative and technical sanction has been accorded by the appropriate authority and sufficient funds are available.

(2) No repair work shall be commenced until the sufficient funds are available.”.

**8.** In the said rules, the second proviso to rule 338 shall be omitted.

**9.** In the said rules, in rule 339, the words "In the case of works executed by contract, tenders shall be invited." shall be omitted.

**10.** In the said rules, for rule 350, the following rule shall be substituted, namely: —

"350. The technical sanction of the authorities specified below shall be obtained to the plans and estimates relating to municipal works:

(1) Revised technical sanction powers will be same as original technical sanction power:

Provided that the changes made subsequent to original technical sanction shall be approved, prior to execution of such changes by the same authority who has accorded original technical sanction.

(2) The financial powers of Competent Authority for granting technical sanctions are as given below:

A. Repair Works (relating to roads, buildings, sanitary projects and all other kinds of works) – The Municipal Engineer- All estimates- (without limit cost)

B. Original works – Roads, buildings (including bridges and culverts, sanitary projects and all other kinds of works):

(a) Junior Engineer or Assistant Engineer or Municipal Engineer of the rank of Junior Engineer or Assistant Engineer – upto five lakhs rupees:

(b) Assistant Executive Engineer or Municipal Engineer of the rank of Assistant Executive Engineer – upto twenty lakhs rupees:

(c) Inspector of Local Works or Municipal Engineer of the rank of Executive Engineer – Limit prescribed in paragraph 6.3.2 of the OPWD Code, Volume-1:

(d) Superintending Engineer – Limit prescribed in paragraph 6.3.2 of the OPWD Code,Volume-1:

(e) Chief Engineer – Limit prescribed in paragraph 6.3.2 of the OPWD Code, Volume-1.".

**11.** In the said rules, in rule 352, —

(a) for sub-rule (1) including the proviso thereto, the following sub-rule shall be substituted, namely:—

"(1) Any contract or the execution of any work or the supply of any materials or goods which will involve an expenditure exceeding such sum, as the Government may specify, from time to time, the Executive Officer shall invite tender for such contract:

Provided, that the Council shall have the power to dispense with tenders if the work is emergent in nature.".

(b) in sub-rule (2), in the proviso thereto, for the words and figure "Rs. 1,500 (fifteen hundred)", the words and figure "Rs. 10,000 (ten thousand)" shall be substituted.

**12.** In the said rules, in rule 356, in sub-rule (1), for the word "Chairman" the words "tender committee" shall be substituted.

**13.** In the said rules, for rule 361, the following rule shall be substituted, namely :—

"361. (1) A tender committee shall be constituted consisting of the following members, namely: —

(i) the Chairperson and in his absence the Vice-Chairperson – President;

(ii) Inspector of Local Works or Municipal Engineer not below the rank of Assistant Executive Engineer to be nominated by the District Magistrate -- Member;

(iii) One member nominated by the District Magistrate -- Member;

(iv) Finance or Accounts Officer or any other officer of the Municipality with financial background to be nominated by the District Magistrate – Member;

(v) Executive Officer – Convenor.

(2) The Tender Committee may also invite the engineer to the meeting who has granted original technical sanction to render advice on tender offers received by the said Committee.

(3) The Executive Officer shall be responsible for convening any meeting of the tender Committee.

(4) The Tender Committee shall, at the time and place specified for the purpose, open the sealed covers containing the tenders in the presence of the tenderers or their authorized agents as may be present and until the sealed covers are so opened they shall be kept in the personal custody of the Executive Officer.

(5) On opening of the tenders, the president shall make initial all corrections in each tender, which may have been made by the tenderer and duly attested by him and if there are corrections in the tender unattested by the tenderer a note of such corrections shall be made on the tender itself when it is opened.".

**14.** In the said rules, for rule 364, the following rule shall be substituted, namely :—

"364. The tender committee may accept a tender for work of any amount provided the tendered amount does not exceed the estimated rate by more than ten *per cent:*

Provided that on the ground of urgency or for other special reasons, it is proposed to accept such tenders, and the tendered rate exceeds the estimated rate by more than ten *per cent*, the previous approval of the following authority shall be obtained, namely:—

(i) the Council – If the tendered rates exceed the estimated rates by more than ten *per cent* but not more than fifteen *per cent*; and

(ii) the Government – Where the tendered rates exceed the estimated rates by more than fifteen *per cent*.".

**15.** In the said rules, rule 568 shall be omitted.

[No.27209–HUD-13-LEGIS-67-POLICY-12/2016/HUD.]

By Order of the Governor

G. MATHI VATHANAN

Commissioner-*cum*-Secretary to Government

# ଗୃହନିର୍ମାଣ ଓ ପୌର ଉନ୍ନୟନ ବିଭାଗ

## ଅଧିସୂଚନା

ତା.୨୨.୧୧.୨୦୧୭

**S.R.O. No.574**/2017— ଯେହେତୁ ଓଡିଶା ପୌର ଅଧିନିୟମ, 1950 (1950 ର ଓଡିଶା ଅଧିନିୟମ 23) ର ଧାରା 392 ଦ୍ୱାରା ଆବଶ୍ୟକ ହେଉଥିବା ପ୍ରକାରେ ଓଡିଶା ପୌର ନିୟାମବଳୀ, 1953 କୁ ଅଧିକତର ସଂଶୋଧନ କରିବା ନିମନ୍ତେ ତାହାର ଏକ ଚିଠା ନିୟମାବଳୀ ଓଡିଶା ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅଧିସୂଚନା ସଂଖ୍ୟା4207-ଏଚ୍ୟୁଡି-13-ଲେଜିସ୍-67-ପଲିସି-15-12/2016, ତା. 23 ଫେବୃଆରୀ, 2017 ରିଖରେ *ଓଡିଶା ଗେଜେଟ୍*ର ଅସାଧାରଣ ସଂଖ୍ୟା 277 ତା. 25 ଫେବୃଆରୀ, 2017 ରିଖରେ ପ୍ରକାଶ କରାଯାଇ ତଦ୍ଦ୍ୱାର ପ୍ରଭାବିତ ହେବାର ସମ୍ଭାବନା ଥିବା ସମସ୍ତ ବ୍ୟକ୍ତିଙ୍କଠାରୁ ଉକ୍ତ ଅଧିସୂଚନା *ଓଡିଶା ଗେଜେଟ୍*ରେ ପ୍ରକାଶିତ ହେବାର ତିରିଶ ଦିନ ମଧ୍ୟରେ ଆପତ୍ତି ଓ ପ୍ରସ୍ତାବମାନ ଆହ୍ୱାନ କରାଯାଇଥିଲା;

ଏବଂ, ଯେହେତୁ, ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉକ୍ତ ଚିଠା ସମ୍ବନ୍ଧରେ ପ୍ରାପ୍ତ ଆପତ୍ତି ଓ ପ୍ରସ୍ତାବମାନ ରାଜ୍ୟ ସରକାରଙ୍କ ଦ୍ୱାରା ବିଚାର କରାଯାଇଅଛି;

ସୁତରାଂ, ସଂପ୍ରତି, ରାଜ୍ୟ ସରକାର ଉକ୍ତ ଅଧିନିୟମର ଧାରା 387 ର ଉପଧାରା(1) ଦ୍ୱାରା ଅର୍ପିତ କ୍ଷମତାର ପ୍ରୟୋଗ କ୍ରମେ, ଓଡିଶା ପୌର ନିୟମାବଳୀ, 1953 କୁ ଅଧିକତର ସଂଶୋଧନ କରିବା ନିମନ୍ତେ ଏତଦ୍ଦ୍ୱାରା ନିମ୍ନଲିଖିତ ନିୟମାବଳୀ ପ୍ରଣୟନ କରୁଅଛନ୍ତି, ଯଥା:-

**1.** (1) ଏହି ନିୟାମବଳୀ, ଓଡିଶା ପୌର (ସଂଶୋଧନ) ନିୟମାବଳୀ, 2017 ନାମରେ ଅଭିହିତ ହେବ ।

(2) ଏହା *ଓଡିଶା ଗେଜେଟ୍*ରେ ପ୍ରକାଶିତ ହେବା ତାରିଖଠାରୁ ବଳବତ୍ତର ହେବ ।

**2.** ଓଡିଶା ପୌର ନିୟମାବଳୀ, 1953 (ଏହା ପରେ ଉକ୍ତ ନିୟମାବଳୀ ଭାବେ ସୂଚୀତ) ର ନିୟମ 92 ବଦଳରେ ନିମ୍ନଲିଖିତ ନିୟମଟି ପ୍ରତିସ୍ଥାପିତ ହେବ, ଯଥା:-

"92. ପରିଷଦର ବିନା ମଂଜୁରୀରେ କାର୍ଯ୍ୟନିର୍ବାହୀ ଅଧିକାରୀ ପୌର ପ୍ରଶାସନ ପାଇଁ ଆନୁଷଙ୍ଗିକ ଆକସ୍ମିକ ବ୍ୟୟ ବାବଦରେ କୌଣସି କ୍ଷେତ୍ରରେ ଦଶ ହଜାର ଟଙ୍କାରୁ ଅଧିକ ବ୍ୟୟ କରିପାରିବେ ନାହିଁ :

ପରନ୍ତୁ—

(କ) ସେପରି ବ୍ୟୟ କରିବା ପାଇଁ ପୌରପାଳିକା ବଜେଟରେ ସଂପୃକ୍ତ ହିସାବ ଶୀର୍ଷରେ ପାଣ୍ଠିର ବ୍ୟବସ୍ଥା କରାଯାଇଥିବ; ଏବଂ

(ଖ) କାର୍ଯ୍ୟନିର୍ବାହୀ ଅଧିକାରୀ ଏହି ନିୟମ ଅନୁଯାୟୀ କରାଯାଇଥିବା ବ୍ୟୟ ତଥା ସେପରି ବ୍ୟୟ କରିବାର କାରଣ ପରିଷଦର ପରବର୍ତ୍ତୀ ବୈଠକରେ ଉପସ୍ଥାପନ କରିବେ ।"

**3.** ଉକ୍ତ ନିୟମାବଳୀର ନିୟମ 93 ର ଉପ ନିୟମ (1) ରେ ଥିବା " ଏବଂ ଯଦି ପରିମାଣ ଟ.1,00,000/- (ଏକ ଲକ୍ଷ) ଟଙ୍କାରୁ ଅଧିକ ହୋଇନଥାଏ, ତେବେ କାର୍ଯ୍ୟନିର୍ବାହୀ ଅଧିକାରୀ ଆଦେଶରେ ସ୍ୱାକ୍ଷର କରିବେ । ଟ.1,00,000(ଏକ ଲକ୍ଷ) ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ପ୍ରଦାନ ନିମନ୍ତେ ଆଦେଶରେ ଉଭୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଅଧ୍ୟକ୍ଷ ସ୍ୱାକ୍ଷର କରିବେ" ଥିବା ଶବ୍ଦ ଓ ଅଙ୍କଗୁଡିକ ବଦଳରେ "ଏବଂ ଦୁଇ ଲକ୍ଷ ଟଙ୍କା ପରିମାଣ ପର୍ଯ୍ୟନ୍ତ ଅର୍ଥ ପ୍ରଦାନ ନିମନ୍ତେ ବିଲ୍ ବା ଦାବୀ ଗୁଡିକ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଦ୍ୱାରା ଅନୁମୋଦନ ହେବ ଏବଂ ଅର୍ଥ ପ୍ରଦାନ ଆଦେଶ ସ୍ୱାକ୍ଷରିତ ହେବ, କିନ୍ତୁ ଦୁଇ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ପରିମାଣର ଅର୍ଥ ପ୍ରଦାନ ନିମନ୍ତେ ଉଭୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଅଧ୍ୟକ୍ଷଙ୍କ ଦ୍ୱାରା ଅନୁମୋଦନ ହେବ ଏବଂ ଅର୍ଥ ପ୍ରଦାନ ଆଦେଶ ସ୍ୱାକ୍ଷରିତ ହେବ" ଶବ୍ଦ ଗୁଡିକ ପ୍ରତିସ୍ଥାପିତ ହେବ ।

**4.** ଉକ୍ତ ନିୟମାବଳୀର ନିୟମ 94 ଟି ଲୋପ ହେବ ।

**5.** ଉକ୍ତ ନିୟମାବଳୀର ନିୟମ 107 ରୁ 112 ପର୍ଯ୍ୟନ୍ତ ନିୟମ ଗୁଡିକ ଲୋପ ହେବ ।

**6.** ଉକ୍ତ ନିୟମାବଳୀର ନିୟମ 332 ବଦଳରେ ନିମ୍ନଲିଖିତ ନିୟମଟି ପ୍ରତିସ୍ଥାପିତ ହେବ, ଯଥା:-

**"332. (1)** ପ୍ରତି ବର୍ଷ ବଜେଟ୍ ପ୍ରସ୍ତୁତି ପୂର୍ବରୁ ପୌର ଯନ୍ତ୍ରୀ ଆଗାମୀ ବର୍ଷ ପାଇଁ ଅଗ୍ରାଧିକାର କ୍ରମରେ କାର୍ଯ୍ୟକାରୀ ହେବାକୁ ଥିବା କାର୍ଯ୍ୟ ଗୁଡିକର ଏକ ବିବରଣୀ ସହିତ ସେ ଗୁଡିକର ଅଟକଳ ମୂଲ୍ୟ ଚୁଡାନ୍ତ ଚୟନ ନିମନ୍ତେ ପରିଷଦକୁ ଠିକ୍ ସମୟରେ ଯୋଗାଇ ଦେବେ ଏବଂ ପରିଷଦ ଉକ୍ତ ଉଦ୍ଦେଶ୍ୟରେ ଆହୂତ ଏକ ସ୍ୱତନ୍ତ୍ର ବୈଠକରେ ଅଗ୍ରାଧିକାର କ୍ରମରେ ଉକ୍ତ କାର୍ଯ୍ୟ ଗୁଡିକର ତାଲିକା ଅନୁମୋଦନ କରିବେ ।

**(2)** ପାଣ୍ଠି ଉପଲବ୍ଧ ଥିଲେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଟକଳ ପରିମାଣ ଦୁଇ ଲକ୍ଷ ଟଙ୍କାରୁ ଅଧିକ ହେଉ ନ ଥିବା ଜରୁରୀକାଳୀନ କାର୍ଯ୍ୟ ସମେତ ସମସ୍ତ କାର୍ଯ୍ୟର ପ୍ରଶାସନିକ ମଂଜୁରିର ସମ୍ମତି ଦେବେ ଏବଂ ଯେବେ ଅଟକଳ ପରିମାଣ ଦୁଇ ଲକ୍ଷ ଟଙ୍କାରୁ ଅଧିକ ହୁଏ ସେତେବେଳେ ତାହା ମଂଜୁରୀ ସକାଶେ ଅଧ୍ୟକ୍ଷଙ୍କ ସମକ୍ଷରେ ଉପସ୍ଥାପନ କରାଯିବ ।

(3) ଯଦି ଅଧ୍ୟକ୍ଷଙ୍କ ସମକ୍ଷରେ ଉପସ୍ଥାପନ କରାଯାଇଥିବା ସେପରି ଅଟକଳକୁ ସାତଦିନ ମଧ୍ୟରେ ମଂଜୁରି ନ ମିଳେ ତେବେ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଟକଳକୁ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ମଂଜୁରି କରାଇପାରିବେ ।

(4) କାର୍ଯ୍ୟ ନିର୍ବାହୀ ଅଧିକାରୀ, ଯଥାସ୍ଥିତି, ତାଙ୍କ ଦ୍ୱାରା ବା ଅଧ୍ୟକ୍ଷଙ୍କ ଦ୍ୱାରା ବା ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ସମ୍ମତି ଲାଭ କରିଥିବା ସମସ୍ତ ପ୍ରଶାସନିକ ମଂଜୁରି ଗୁଡିକ ପରିଷଦର ପରବର୍ତ୍ତୀ ବୈଠକରେ ଦୃଷ୍ଟିକୁ ଆଣିବେ ।"

**7.** ଉକ୍ତ ନିୟମାବଳୀର ନିୟମ 333 ବଦଳରେ ନିମ୍ନଲିଖିତ ନିୟମଟି ପ୍ରତିସ୍ଥାପିତ ହେବ, ଯଥାଃ-

"333. (1) ଯେ ପର୍ଯ୍ୟନ୍ତ ସମୁଚିତ ପ୍ରାଧିକାରୀଙ୍କ ଦ୍ୱାରା ପ୍ରଶାସନିକ ଓ ବୈଷୟିକ ସମ୍ମତି ନ ମିଳିଛି ଓ ପର୍ଯ୍ୟାପ୍ତ ପାଣ୍ଠି ଉପଲବ୍‌ଧ ନ ହୋଇଛି, ସେ ପର୍ଯ୍ୟନ୍ତ କୌଣସି ନୂତନ କାର୍ଯ୍ୟ ଆରମ୍ଭ କରାଯିବ ନାହିଁ ।

(2) ଯେ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ପାଣ୍ଠି ଉପଲବ୍‌ଧ ନ ହୋଇଛି ସେ ପର୍ଯ୍ୟନ୍ତ କୌଣସି ମରାମତି କାର୍ଯ୍ୟ କରାଯିବ ନାହିଁ ।"

**8.** ଉକ୍ତ ନିୟମାବଳୀର ନିୟମ 338 ରେ ଥିବା ଦ୍ୱିତୀୟ ପରନ୍ତୁକଟି ଲୋପ ହେବ ।

**9.** ଉକ୍ତ ନିୟମାବଳୀର ନିୟମ 339 ରେ ଥିବା "ଚୁକ୍ତି ଦ୍ୱାରା କାର୍ଯ୍ୟ ନିଷ୍ପାଦନ ହେଉଥିବା ସ୍ଥଳେ ଟେଣ୍ଡର ଆହ୍ୱାନ କରାଯିବ ।" ଶବ୍ଦ ଗୁଡିକ ଲୋପ ହେବ ।

**10.** ଉକ୍ତ ନିୟମାବଳୀର ନିୟମ 350 ବଦଳରେ ନିମ୍ନଲିଖିତ ନିୟମଟି ପ୍ରତିସ୍ଥାପିତ ହେବ, ଯଥାଃ-

"350. ପୌର କାର୍ଯ୍ୟ ସଂପର୍କିତ ଯୋଜନା ଓ ଅଟକଳର ବୈଷୟିକ ମଂଜୁରି ନିମ୍ନଲିଖିତ ପ୍ରାଧିକାରୀଙ୍କ ଠାରୁ ହାସଲ କରାଯିବଃ-

(1) ସଂଶୋଧିତ ବୈଷୟିକ ମଂଜୁରି କ୍ଷମତା ମୂଳ ବୈଷୟିକ ମଂଜୁରି କ୍ଷମତା ଭଳି ସମାନ ହେବଃ

ପରନ୍ତୁ, ମୂଳ ବୈଷୟିକ ମଂଜୁରି ପରେ ହୋଇଥିବା ପରିବର୍ତ୍ତନ ଗୁଡିକ କାର୍ଯ୍ୟକାରୀ ହେବା ପୂର୍ବରୁ, ଯେଉଁ ପ୍ରାଧିକାରୀ ମୂଳ ବୈଷୟିକ ମଂଜୁରିରେ ସମ୍ମତି ଦେଇଥିଲେ ସେହି ପ୍ରାଧିକାରୀଙ୍କ ଦ୍ୱାରା ଅନୁମୋଦିତ ହେବ ।

(2) ବୈଷୟିକ ମଂଜୁରି ପ୍ରଦାନ ପାଇଁ କ୍ଷମତାପନ୍ନ ପ୍ରାଧିକାରୀଙ୍କର ଆର୍ଥିକ କ୍ଷମତା ନିମ୍ନରେ ଦିଆଗଲାଃ

କ. ମରାମତି କାର୍ଯ୍ୟ - (ରାସ୍ତା, କୋଠା, ସାନିଟାରି ପ୍ରକଳ୍ପ ଏବଂ ଅନ୍ୟ ସମସ୍ତ ପ୍ରକାର କାର୍ଯ୍ୟ ସଂପର୍କିତ) - ପୈର ଯନ୍ତ୍ରୀ - ସମସ୍ତ ଅଟକଳ (ଅସୀମିତ ମୂଲ୍ୟ)

ଖ. ମୂଳ କାର୍ଯ୍ୟ - ରାସ୍ତା, କୋଠା - (ପୋଲ ଓ କଲଭର୍ଟ, ସାନିଟାରୀ ପ୍ରକଳ୍ପ ଏବଂ ସମସ୍ତ ପ୍ରକାର କାର୍ଯ୍ୟ ସମେତ)

(କ) କନିଷ୍ଠ ଯନ୍ତ୍ରୀ ବା ସହକାରୀ ଯନ୍ତ୍ରୀ କିମ୍ବା କନିଷ୍ଠ ଯନ୍ତ୍ରୀ ବା ସହକାରୀ ଯନ୍ତ୍ରୀ ପାହ୍ୟାର ପୌର ଯନ୍ତ୍ରୀ - ପାଞ୍ଚ ଲକ୍ଷ ପର୍ଯ୍ୟନ୍ତ :

(ଖ) ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ବା ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପାହ୍ୟାର ପୌର ଯନ୍ତ୍ରୀ - କୋଡିଏ ଲକ୍ଷ ପର୍ଯ୍ୟନ୍ତ :

(ଗ) ସ୍ଥାନୀୟ କାର୍ଯ୍ୟ ନିରୀକ୍ଷକ ବା କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପାହ୍ୟାର ପୌର ଯନ୍ତ୍ରୀ -ଓ.ପି.ଡବ୍ଲୁ.ଡି. ସଂହିତାର ଖଣ୍ଡ 1 ର ପାରାଗ୍ରାଫ **6.3.2.** ରେ ବିନିର୍ଦ୍ଦିଷ୍ଟ ସୀମା :

(ଘ) ଅଧୀକ୍ଷଣ ଯନ୍ତ୍ରୀ - ଓ.ପି.ଡବ୍ଲୁ.ଡି. ସଂହିତାର ଖଣ୍ଡ 1 ର ପାରାଗ୍ରାଫ **6.3.2.** ରେ ବିନିର୍ଦ୍ଦିଷ୍ଟ ସୀମା :

(ଙ) ମୁଖ୍ୟ ଯନ୍ତ୍ରୀ - ଓ.ପି.ଡବ୍ଲୁ.ଡି. ସଂହିତାର ଖଣ୍ଡ 1 ର ପାରାଗ୍ରାଫ **6.3.2.** ରେ ବିନିର୍ଦ୍ଦିଷ୍ଟ ସୀମା ।"

**11.** ଉକ୍ତ ନିୟମାବଳୀର ନିୟମ 352 ରେ,-

(କ) ଉପ ନିୟମ **(1)** ତଥା ତାହାର ପରନ୍ତୁକ ବଦଳରେ ନିମ୍ନଲିଖିତ ଉପ-ନିୟମ ପ୍ରତିସ୍ଥାପିତ ହେବ, ଯଥା:-

"(1) ସମୟକୁ ସମୟ ସରକାର ବିର୍ନିଦ୍ଦିଷ୍ଟ କରିବା ମତେ, ସେପରି ପରିମାଣରୁ ଅଧିକ ବ୍ୟୟ ଜଡିତ ଥିବା କୌଣସି ଚୁକ୍ତି ବା କୌଣସି କାର୍ଯ୍ୟର ନିଷ୍ପାଦନ ବା କୌଣସି ସାମଗ୍ରୀ ବା ମାଲର ଯୋଗାଣ କ୍ଷେତ୍ରରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉକ୍ତ ଚୁକ୍ତି ନିମନେ ଟେଣ୍ଡର ଆହ୍ୱାନ କରିବେ:

ପରନ୍ତୁ, ଯଦି କାର୍ଯ୍ୟଟି ଜରୁରୀ ହୋଇଥାଏ, ତେବେ ପରିଷଦ ସେପରି ଟେଣ୍ଡର ଆହ୍ୱାନକୁ ପରିହାର କରି ପାରିବେ ।"।

(ଖ) ଉପ ନିୟମ **(2)** ର ପରନ୍ତୁକରେ ଥିବା "ଟ.1500/- (ପନ୍ଦର ଶହ ଟଙ୍କା)" ଶବ୍ଦ ଓ ଅଙ୍କଗୁଡିକ ବଦଳରେ "ଟ.10,000/- (ଦଶ ହଜାର ଟଙ୍କା)" ଶବ୍ଦ ଓ ଅଙ୍କ ଗୁଡିକ ପ୍ରତିସ୍ଥାପିତ ହେବ ।

**12.** ଉକ୍ତ ନିୟମାବଳୀର ନିୟମ **356** ର ଉପନିୟମ **(1)** ରେ ଥିବା "ଅଧ୍ୟକ୍ଷ" ଶବ୍ଦ ବଦଳରେ "ଟେଣ୍ଡର କମିଟି" ଶବ୍ଦ ଗୁଡିକ ପ୍ରତିସ୍ଥାପିତ ହେବ ।

**13.** ଉକ୍ତ ନିୟମାବଳୀର ନିୟମ **361** ବଦଳରେ ନିମ୍ନଲିଖିତ ନିୟମଟି ପ୍ରତିସ୍ଥାପିତ ହେବ, ଯଥା:-

"**361. (1)** ଟେଣ୍ଡର କମିଟି ନିମ୍ନଲିଖିତ ସଦସ୍ୟମାନଙ୍କୁ ନେଇ ଗଠିତ ହେବ, ଯଥା:-

(i) ଅଧ୍ୟକ୍ଷ ଏବଂ ତାଙ୍କ ଅନୁପସ୍ଥିତିରେ ଉପାଧ୍ୟକ୍ଷ - ସଭାପତି ;

(ii) ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ମନୋନୀତ ସ୍ଥାନୀୟ କାର୍ଯ୍ୟ ନିରୀକ୍ଷକ କିମ୍ବା ଅନ୍ୟୁନ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପାହ୍ୟାର ପୌର ଯନ୍ତ୍ରୀ - ସଦସ୍ୟ ;

(iii) ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ମନୋନୀତ ଜଣେ ସଦସ୍ୟ - ସଦସ୍ୟ ;

(iv) ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ମନୋନୀତ ଅର୍ଥ କିମ୍ବା ହିସାବ ଅଧିକାରୀ ବା ଆର୍ଥିକ ପୃଷ୍ଟ ଭୂମି ଥିବା ପୌର ପାଳିକାର ଅନ୍ୟ କୌଣସି ଅଧିକାରୀ - ସଦସ୍ୟ ;

(v) କାର୍ଯ୍ୟ ନିର୍ବାହୀ ଅଧିକାରୀ - ଆବାହକ ।

**(2)** ଯେଉଁ ଯନ୍ତ୍ରୀ ମୂଳ ବୈଷୟିକ ମଂଜୁରି ପ୍ରଦାନ କରିଥିବେ ସେହି ଯନ୍ତ୍ରୀଙ୍କୁ ଟେଣ୍ଡର କମିଟି ଉକ୍ତ କମିଟି ଦ୍ୱାରା ପ୍ରାପ୍ତ ଟେଣ୍ଡର ଆବେଦନ ଗୁଡିକ ଉପରେ ପରାମର୍ଶ ଦେବାପାଇଁ ମଧ୍ୟ ବୈଠକକୁ ଆମନ୍ତ୍ରଣ କରିପାରିବେ ।

**(3)** ଟେଣ୍ଡର କମିଟିର ଯେ କୌଣସି ବୈଠକ ଡକାଇବା କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଦାୟୀତ୍ୱ ଅଟେ ।

**(4)** ଟେଣ୍ଡର କମିଟି ଉପରୋକ୍ତ ଉଦ୍ଦେଶରେ ବିନିର୍ଦ୍ଦିଷ୍ଟ ହୋଇଥିବା ସମୟ ଓ ସ୍ଥାନରେ ଟେଣ୍ଡର ଦାତା କିମ୍ବା ତାଙ୍କ ଦ୍ୱାରାପ୍ରାଧିକୃତ ଏଜେଣ୍ଟଙ୍କ ଉପସ୍ଥିତିରେ ମୁଦଦିଆ ଲଫାପା ଗୁଡିକୁ ଖୋଲିବେ ଏବଂ ଯେପର୍ଯ୍ୟନ୍ତ ମୁଦଦିଆ ଲଫାପା ଗୁଡିକ ଖୋଲା ନ ଯାଇଚ୍ଛି ସେ ପର୍ଯ୍ୟନ୍ତ ସେଗୁଡିକ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ବ୍ୟକ୍ତିଗତ ଜିମାରେ ରହିବ ।

**(5)** ଟେଣ୍ଡର ଗୁଡିକ ଖୋଲାଯିବା ବେଳେ ଟେଣ୍ଡର ଦାତାଙ୍କ ଦ୍ୱାରା ଯଦି କୌଣସି ସଂଶୋଧନ କରାଯାଇଥିବ ଓ ତାହାଙ୍କ ଦ୍ୱାରା ଅନୁପ୍ରମାଣିତ ହୋଇଥିବ, ସଭାପତି ସେପରି ପ୍ରତ୍ୟେକ ଟେଣ୍ଡରର ସଂଶୋଧନରେ ସଂକ୍ଷିପ୍ତ ସ୍ୱାକ୍ଷର କରିବେ ଏବଂ ଟେଣ୍ଡରରେ ଟେଣ୍ଡର ଦାଦାଙ୍କ ଦ୍ୱାରା ଅନୁପ୍ରମାଣିତ ହୋଇନଥିବା କୌଣସି ସଂଶୋଧନ

ଥାଏ ତେବେ ତାହା ଖୋଲାଯିବା ବେଳେ ଉକ୍ତ ସଂଶୋଧନ ଗୁଡିକ ସଂକ୍ରାନ୍ତରେ ଟେଣ୍ଡର ଉପରେ ଏକ ଟୀପ୍‌ପଣୀ ଦିଆଯିବ ।"

**14.** ଉକ୍ତ ନିୟମାବଳୀର ନିୟମ 364 ବଦଳରେ ନିମ୍ନଲିଖିତ ନିୟମଟି ପ୍ରତିସ୍ଥାପିତ ହେବ, ଯଥା:-

"**364.** ଯଦି ଟେଣ୍ଡର ପରିମାଣ ଅଟକଳ ମୂଲ୍ୟର ଶତକଡା ଦଶ ଭାଗରୁ ଅଧିକ ହେଉନଥିବ, ତେବେ ଟେଣ୍ଡର କମିଟି ଯେ କୌଣସି ପରିମାଣର କାର୍ଯ୍ୟ ନିମନ୍ତେ ଏକ ଟେଣ୍ଡର ଗ୍ରହଣ କରିପାରିବେ :

ପରନ୍ତୁ, ଜରୁରୀ କ୍ଷେତ୍ରରେ ବା ଅନ୍ୟ କୌଣସି ବିଶେଷ କାରଣରୁ ଯଦି ସେପରି ଟେଣ୍ଡର ଗ୍ରହଣ କରିବା ପାଇଁ ପ୍ରସ୍ତାବ କରାଯାଏ ଏବଂ ଟେଣ୍ଡର ମୂଲ୍ୟ ଅଟକଳ ମୂଲ୍ୟ ଠାରୁ ଶତକଡା ଦଶ ଭାଗରୁ ଅଧିକ ହେଉଥାଏ ତେବେ ସେ ସଂକ୍ରାନ୍ତରେ ନିମ୍ନଲିଖତି ପ୍ରାଧିକାରୀଙ୍କଠାରୁ ପୂର୍ବ ଅନୁମୋଦନ ନିଆଯିବ, ଯଥା:-

(i) ପରିଷଦ-ଯଦି ଟେଣ୍ଡର ମୂଲ୍ୟ ଅଟକଳ ମୂଲ୍ୟର ଶତକଡା ଦଶ ଭାଗରୁ ଅଧିକ କିନ୍ତୁ ସର୍ବାଧିକ ଶତକଡା ପନ୍ଦର ଭାଗ ହେଉଥିବ; ଏବଂ

(ii) ସରକାର-ଯେଉଁ ସ୍ଥଳେ ଟେଣ୍ଡର ମୂଲ୍ୟ ଅଟକଳ ମୂଲ୍ୟର ଶତକଡା ପନ୍ଦର ଭାଗରୁ ଅଧିକ ହେଉଥିବ ।"

**15.** ଉକ୍ତ ନିୟମାବଳୀର ନିୟମ 568 ଟି ଲୋପ ହେବ ।

[ସଂଖ୍ୟା-**27209**–ଏଚ୍.ୟୁ.ଡି.-୧୩-ଲେଜିସ୍-୬୭-ପଲିସି-୧୨/୨୦୧୬/ଗୃ.ନ.ଉ.]

ରାଜ୍ୟପାଳଙ୍କ ଆଦେଶକ୍ରମେ

ଜି. ମାଥି ଭାଥନନ୍

କମିସନର-*ତଥା*-ଶାସନ ସଚିବ

Printed and published by the Director, Printing, Stationery and Publication, Odisha, Cuttack-10
Ex. Gaz. 1330-173+500